# ୧୯୪୯

କବି ରଘୁନାଥ ଦାସ

ଅଗଷ୍ଟ ପନ୍ଦର ଆଜି ଆସିଛି ପୁଣି !!

ବର୍ଷ ତା'ର ମାତ୍ର ଦୁଇ... ଶିଶୁ...

କିନ୍ତୁ ତାହା ପରି ଖୁଣୀ

କେ ଦେଖିଛି କାହିଁ?

-ଏପରି ନିର୍ଲଜ୍ଜ କ୍ରୁର ପୈଶାଚିକ କୃଷ୍ଣ ଆତତାୟୀ ।

ନରରକ୍ତ ପାନେ ତା'ର କଣ୍ଠେ ଜାଗେ ମାତାଲୀ ପିପାସା,

କୁଟିଳ ଓଠରେ ଥରେ ଧୈର୍ଯ୍ୟଚ୍ୟୁତ ଅଶ୍ଳୀଳ ଦୁର୍ବାସା,

କମ୍ପେ ସଇତାନି ହାତ ଘାତକର ଉନ୍ମତ୍ତ ନିଶାରେ,

ଏ ରାତ୍ରୀର ବିଷାକ୍ତ ଅନ୍ଧାରେ

ପାଦ ତା'ର ଖୋଜିବୁଲେ ନବତମ ହତ୍ୟାର ସୁଡ଼ଙ୍ଗ...

ଶୋଷକ ନୁହେଁ ସେ ଆଉ, ରକ୍ତପାୟୀ ବୀଭତ୍ସ ଉଲଙ୍ଗ ।

ନୁହେଁ ନୁହେଁ  ଏହା କେବେ ମଣିଷର ଶିଶୁ ଆୟୁଷ୍ମାନ୍,

କେଉଁ ରାକ୍ଷସ ଔରସେ ଡ଼ାଙ୍କିଣୀରେ ଜାରଜ ସନ୍ତାନ

ଅଳ୍ପାୟୁଷ ପ୍ରାଣେ ତା'ର ଲୋଡ଼ିଅଛି କରିବ ପ୍ରତିଷ୍ଠା

ଅଭିଶପ୍ତ ଯେତେ ଅପଚେଷ୍ଟା ।

www.jataayu.org

କିନ୍ତୁ

ଉପହାସ କରେ ତାକୁ ମେଦିନୀର ଦୀର୍ଘ ଇତିହାସ;

ମଣିଷର ଉତ୍ତପ୍ତ ନିଶ୍ବାସ

କେ ପାରିଛି ସହି?

ବଞ୍ଚିତର କୁରୁକ୍ଷେତ୍ରେ ବେଗ ଧରେ ଏ ଯେ ରକ୍ତ ନଈ;

ଅନିବାର୍ଯ୍ୟ ସ୍ରୋତ ତା'ର କେତେ କେତେ ଦୁଃଶାସନ ଶବ

ଯାଇଅଛି ଭାସି,

କେତେ ରାଜା ଓ ବାଦସା, ପୋପ୍, ଜାର୍, ଫାସିଷ୍ଟ ନାତ୍‌ସୀ;

ବେବିଲୋନ୍, ଗ୍ରୀସ୍, ରଖମ୍, ମେସିଡ଼ନ୍, ଉଦ୍ଧତ ବର୍ଲିନ

ସବୁ... ସବୁ... ହୋଇଅଛି ଲୀନ,

ବୁଦ୍‌ବୁଦ୍ ସମାନ ଫୁଲି ଲିଭିଅଛି ତା'ର ପରିଣତି

ଜନତାର ଅବିଚ୍ଛିନ୍ନ ଧାରା ରହେ ଚିର ସ୍ରୋତସ୍ବତୀ ।

ଆଜି ପୁଣି ଇନ୍ଦ୍ରପସ୍ଥେ ଶକୁନିର ପଶାକାଠି ଡ଼ାକେ;

କଳାକୁ  ନେବି ମୁଁ ବାହି ନାଲିଆକୁ ଛେଦି ଦେଇ ଟାଙ୍କେ,

ମୋ ପଛକୁ ଯୁଗ ହୋଇ ଲାଗିଥିବ ସୁନେଲୀ ଡ଼ୋଲାର;

ସବୁଜ ଆଶାର ହତ୍ୟା; ଦୁଃଶା ରଢ଼େ, କଚେ ପୁଅ ବାର୍ ।



www.jatayu.org

# ୧୯୪୯

କବି ରଘୁନାଥ ଦାସ

ଇନ୍ଦ୍ରପ୍ରସ୍ଥେ ଗଢ଼େ ପୁଣି ସର୍ବନାଶୀ ମୁନାଫାର ପଶା;
କୁଟିଳ ପାଲିର ତଳେ ଦେଇଯାଏ ଅକପଟ ଚଷା

ଥିଲା ତାର ଯାହା;
ସକଳ ହରାଇ ଏବେ ପଣ ରଖେ ଅପଣାର ବାହା ।
ବ୍ୟଭିଚାର କରେ ଅଟ୍ଟହାସ...
-ଦ୍ବାପରର ଉପଖ୍ୟାନ ନୁହେଁ ଏହା,
ହାଲ ଏ ତ ସାଲ ଅଣଞ୍ଚାଶ ।
ପୁରାଣର ମ୍ଳାନପତ୍ରେ ମ୍ଳେଚ୍ଛ ଯେତେ କ୍ରୂର ବିଭିଷିକା
ଜଳି ଉଠେ ଆଜି ପୁଣି ତେଜି ତା'ଣ ଜ୍ବାଳମୟୀ ଶିଖା
କାଳରାତ୍ରି କରେ କିବା ହଳାହଳୀ ଜ୍ବିହା ଲହ ଲହ-
ଦୁର୍ଲଭ ଜୀବନ ଆଜି ସପ୍ତତଳେ ନରକ ଦୁର୍ବହ ।
ଆଜି ପୁଣି ବିବସନା ପାଞ୍ଚାଳୀର କରୁଣ ବିଳାପ
ପ୍ରାଣର ଗଭୀର କ୍ଷୋଭ ହାଣେ ତା'ର ବଜ୍ର ଅଭିଶାପ
ଦିଲ୍ଲୀ ଦରବାର ଶିରେ...
ଲକ୍ଷ୍ମୀ ସାଥେ କ୍ରୀଡ଼ାରତ ଆହେ ।
ଆର୍ତ୍ତଜନ ନିବେଦନେ ରହିଲ ଯେ ସ୍ଥାଣୁ ବେପର୍ବାଏ

Powered by Tekons

# ୧୯୪୯

କବି ରଘୁନାଥ ଦାସ

ଆଚମ୍ବିତେ ଦେଖ ଦେଖ ସିଂହାସନ ତୁମ ଥରି ଉଠେ,

ବେଦନା ପ୍ରାଣର ବାଣୀ ଘେନି ଏ ଯେ ପ୍ରଭଞ୍ଜନ ଛୁଟେ

ଏକାନ୍ତିକେ ଭୁବନ କମ୍ପାଇ,

ଏହାକୁ ରୋକିବ କିଏ? ଏହାଠାରୁ ପଳାୟନ କାହିଁ ?

ମୁକ୍ତ ବେଣୀ ଲୋଟିଛି ଆକାଶେ-

ସାବଧାନ! ସାବଧାନ! ଯୁଗାନ୍ତକ ଝଡ଼ ଘୋଟିଆସେ ।

ଜନତାର ବୁକୁ ତଳେ ରୁଦ୍ଧ ଯେତେ ଉତ୍ତପ୍ତ ନିଃଶ୍ବାସ

ଯେତେ ବୃଥା ଅସନ୍ତୋଷ... ସବୁ ଆଜି ଥରାଇ ଆକାଶେ

ବହିଯାଏ ସତେ

ଆଗାମରୀ ଗାନ ତୋଳି ବିପ୍ଲବୀର ଆଗ୍ନେୟ ଶପଥେ;

ଚୀନ୍‌ର ଟର୍ଣ୍ଣାଡ଼ୋ ଛୁଟେ କ୍ଷୀପ୍ରଗତି, କ୍ଷୀପ୍ର ଅତିଶୟ

ପେକିଙ୍ଗ ବେତାରକେନ୍ଦ୍ର, ମାଓ-ସେ-ତୁଂ;

ଲାଲସେନା ଲାଲବାନା ଜାଣେ ନାହିଁ କେଉଁ ପରାଜୟ ।

କିଶାନର କଣ୍ଠେ ଗାନ, ଆଗେ ଚାଲ ଭାଇ,

ନାନ୍‌କିଙ୍ଗ୍ ରହିଲା ପଛେ , ଅତିକ୍ରମି ଉନ୍ମୁକ୍ତ ସାଂଘାଇ

ଚାଲ ଏବେ କାଣ୍ଟନ ପଥରେ ।

www.jatayu.org

# ୧୯୪୯

କବି ରଘୁନାଥ ଦାସ

କାଞ୍ଚନ ପଥରେ ଆଜି ଲକ୍ଷକୋଟି ଅଭିଯାତ୍ରୀ ଚଳେ

ବାଧାମୁକ୍ତ ଉଚ୍ଛ୍ବସିତ ପଦେ

ଉଷାର ଚମକ ହାଣି ତନ୍ଦ୍ରାଜଡ଼ ନିଃସ୍ପନ୍ଦ ଜଗତେ ।

ମାଳୟର ଘୂର୍ଣ୍ଣିବାତ୍ୟା ଘୂରେ ଆଜି ଦୁର୍ନିବାର ଅତି

ଗୋଟିଏ ବିପ୍ଳବୀ ରକ୍ତେ ସୃଷ୍ଟି କରି କୋଟି ଗଣପତି,

ଇତସ୍ତତଃ କରି, କେତେ ଆତଙ୍କିତ ବେଲୁନୀ ନବାବ... ।

କହ ବନ୍ଧୁ! ତୁମେ ବି ପାରିନ ଶୁଣି

ଝଡ଼ର ବେଦନା ତଳେ ସଞ୍ଜୀବିତ ରକ୍ତିମ ପ୍ରସ୍ତାବ

କୋଟିକଣ୍ଠେ ହୁଏ ଯା ଆଗତ?

କହ, ଶୁଣିଛ ଏଭଳି କାହିଁ କୋଟି ମୁଷ୍ଟି ନିବଦ୍ଧ ଶପଥ ?

ବର୍ମାର ଉଦ୍ୟୁକ୍ତ ଝଡ଼ ଛୁଏଁ ଆଜି ଇରାବତୀ ତଟ

ସାଇଁ ସାଇଁ ଗର୍ଜିଉଠେ ଆରାକାନ ଗହନ ପର୍ବତ... ।

ଗରିଲାର ସମର ଆହ୍ବାନ

ଆତଙ୍କେ ସେଦିନ ଏଠି ଶୁଣିଗଲା ଫାସିଷ୍ଟ ଜାପାନ

ଆଉ ଥରେ ସେଇ ଡ଼ାକ ଶୁଣିଯାଅ ମୃତ୍ୟୁର ବଣିକ ।

ଶୁଣିଯାଅ ଖଣିଗର୍ଭେ ଶ୍ରମଜୀବୀ ଅୟୁତ ସୈନିକ !

ନବଜାତ ଜୀବନର ଜୟନାଦ ତୋଳୁଛି ଗର୍ବରେ

www.jatayu.org

# ୧୯୪୯

କବି ରଘୁନାଥ ଦାସ

ସାମ୍ୟର ସବୁଜ ଗାନ ଖେତେ ଖେତେ ଲହରୀ ପହଁରେ ।

ଝଡ଼ ଯେ ଉଠିଛି ଫୁଲି ସିନ୍ଧୁଗର୍ଭେ, ଆଲ୍‌ପସ୍‌ର ଉଚ୍ଚେ

ଇନ୍ଦୋଚୀନ ଆଖୁଖେତେ, ଭେତ୍‌ନାମ ଘନ ବେତକୁଞ୍ଜେ ।

ସ୍ଥାନେ ସ୍ଥାନେ ସ୍ଥାନେ

ମାନବ ଛୁଟିଚି ଆଜି ଦୃପ୍ତପଦେ ମୁକ୍ତିର ସଂଧାନେ;

ଅଦୂରେ ଯେ ଦେଖାଯାଏ ନୂଆ ସୀମା, ଶୋଷଣର ଶେଷ,

ବସ୍ତୁର ପ୍ରାଚୁର୍ଯ୍ୟ ମଧ୍ୟେ ଯହିଁ ହୁଏ ପ୍ରାଣର ଉନ୍ମେଷ ।

****

ହେ ମୋର ଭାରତ !

ସ୍ବରାଜ୍ୟର ରାମନନ୍ଦୀ ଚିତା... ରାଜ୍ୟଗୋଷ୍ଠୀ ଝାଲରୀ ପଣତ...

ତୁମାନର ଅନୁଦାସ... ନିଜାମର ବିଶ୍ବସ୍ତ ଗୋଲାମ...

ବହୁକାଳ... ବହୁକାଳ ଏ ମୁଲକେ ରାଜ୍ୟ କଲା ରାମ,

କହ, ଆଉ କେତେ କାଳ?

ମାଂସ ଯାଇଛି ଝଡ଼ି, ଅଛି ହାଡ଼, କେବଳ ହିଁ ହାଡ଼...

ହାଡର ଶାସନ ଲାଗି ଗୁଳି ଗ୍ୟାସ୍ କଲେ ଲାଠିମାଡ଼... ।

ଦିଗେ ଦିଗେ ଆର୍ତ୍ତ ହାହାକାର...

www.jatayu.org

# ୧୯୪୯

କବି ରଘୁନାଥ ଦାସ

ଦାକ୍ଷିଣାତ୍ୟ ଉପତ୍ୟାକା ଶିହରାଇ ଏ ଡ଼ାକ କାହାର ?

ଖେତେ ଖେତେ ଗ୍ରାମେ ଗ୍ରାମେ ଆଣିଅଛି ସବୁଜ ହିଲ୍ଲୋଳ;

ଅନ୍ଧାରର ଦୁର୍ଗେ ଦୁର୍ଗେ ବଜ୍ରଠାରୁ ଆହୁରି କଠୋର

ହାଣିଛି ଆଘାତ,

ଏ ଦେଶମାଟିରେ କରି ପ୍ରଭାତର ଅଦ୍ୟରଶ୍ମିପାତ ।

ହାତେ ବର୍ଛା, ପୃଷ୍ଠେ ଧନୁ, ଜାଗିଉଠେ ଅସଂଖ୍ୟ କିଶାନ

ଜାଗେ ତେଲେଙ୍ଗାନା ବୀର, ଜାଗେ ବଙ୍ଗ, ଆସାମୀ ଯୁଆନ

ଆଲୋକର ରକ୍ତପଥେ, ଜୀବନର ଦୁର୍ଦ୍ଧର୍ଷ ସଂଗ୍ରାମେ;

ତାହାର ଆହ୍ବନ ଏ ଯେ ଉତ୍ତେଜିତ ଗ୍ରାମେ ଗ୍ରାମେ...ଗ୍ରାମେ ।

ଡ଼ାକ ଦିଏ... ଡ଼ାକ ଦିଏ... ରକ୍ତପ୍ରଭ ଯୁଗର ସବିତା ।

ସ୍ବପ୍ନେ ଖାଲି ରଚେ ଛନ୍ଦ ॥ ମୁଁ କି ସତେ ଏଡ଼େ ଅପଦାର୍ଥ...

ନା, ନା, ମୁଁ ଶକ୍ତ, ମୁଁ ପାର୍ଥ,

ନାଁ ଚାହେ ବୃଥା ବାକ୍ୟବ୍ୟୟ,

ମନୁ ମୋର ଅପସରି ଯାଇଅଛି ସକଳ ସଂଶୟ;

ରଣେ ଆଜି କରେ ପଣ;

ଏକା ଧରା ହେବ ଅକୌରବା,

ମାଟି ଦେହେ ଏ ଶରୀର ମିଶିଯିବ ଅବା ;

www.jatayu.org

# ୧୯୪୯

କବି ରଘୁନାଥ ଦାସ

ଅନ୍ୟ ପନ୍ଥା ନାହିଁ ।

ଶୁଣିଯାଅ, କୁରୁ ଶତଭାଇ ।

ନୁହେଁ ଏହା ଗୃହ ଯୁଦ୍ଧ, ତା'ର ଏଇ ଶେଷ ଅଭିଯାନ-

ଏ ମେଦିନୀରେ ସ୍ଥିତି ଯା'ର ଅସ୍ବୀକୃତ ସୂଚ୍ୟଗ୍ର ପ୍ରମାଣ ।

www.jataayu.org